# NATIONAL NEWS BULLETIN (ODIA)
## 15 May - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ତାମିଲନାଡୁ ବିଧେୟକ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ୧୪ଟି ପ୍ରଶ୍ନ ଉପରେ ସୁପ୍ରିମ୍‌କୋର୍ଟଙ୍କଠାରୁ ମତାମତ ଲୋଡ଼ିଲେ ରାଷ୍ଟ୍ରପତି ।
- ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ତୃତୀୟପକ୍ଷ ମଧ୍ୟସ୍ଥତାକୁ ପ୍ରତ୍ୟାଖ୍ୟାନ କଲେ ବୈଦେଶିକ ମନ୍ତ୍ରୀ ।
- ନକ୍ସଲ ବିରୋଧୀ ଅଭିଯାନରେ ଆହତ ନିରାପତ୍ତା କର୍ମୀଙ୍କୁ ନୂଆଦିଲ୍ଲୀ ଏମସ୍‌ରେ ଭେଟିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଅପରେସନ୍ ସିନ୍ଦୂରର ସଫଳତା ନେଇ ଦେଶର ବିଭିନ୍ନ ଜିଲ୍ଲାରେ ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଆୟୋଜିତ ।

ଏବଂ

- ଆଜି ଉଦ୍‌ଯାପିତ ହେଉଛି ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ପ୍ରତିଯୋଗିତା ।

# ପ୍ରେଜ୍‌-ଏସ୍‌ସି ଓପିନିଅନ

ତାମିଲନାଡୁ ବିଧେୟକ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ରେଫରେନ୍ସ ଜରିଆରେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ପଚାରିଛନ୍ତି ଯେ କୌଣସି ସାମ୍ବିଧାନିକ ସମୟସୀମା ନିର୍ଦ୍ଦିଷ୍ଟ ନଥାଇ ରାଜ୍ୟପାଳ ମାନଙ୍କୁ ଏକ ବିଧେୟକକୁ ସ୍ୱୀକୃତି ଦେବାଲାଗି ସମୟସୀମା ସ୍ଥିର କରାଯିବା ସମ୍ଭବ କି । ସମ୍ବିଧାନର ଧାରା ୧୪୩-୧ ଅନୁଯାୟୀ ରାଷ୍ଟ୍ରପତି କୌଣସି ମାମଲାରେ ସୁପ୍ରିମକୋର୍ଟଙ୍କ ଠାରୁ ମତାମତ ଲୋଡିବା ବ୍ୟବସ୍ଥା ରହିଛି ।

ରାଷ୍ଟ୍ରପତି ମୁର୍ମୁ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ୧୪ଟି ପ୍ରଶ୍ନ ଉପରେ ମତାମତ ଦେବାଲାଗି କହିଛନ୍ତି । ଏଥିରେ ସମ୍ବିଧାନର ଧାରା ୨୦୦ ଏବଂ ୨୦୧ ଅନୁଯାୟୀ ଏକ ବିଧେୟକକୁ ରାଜ୍ୟପାଳ ଏବଂ ରାଷ୍ଟ୍ରପତି ସ୍ୱୀକୃତି ଦେବା ବିଷୟ ରହିଥିଲେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିରିକୃତ ହୋଇନାହିଁ । ରାଷ୍ଟ୍ରପତି ସମ୍ବିଧାନର ଧାରା ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ନିକଟକୁ ପଠାଯାଇଥିବା ବିଧେୟକକୁ ସ୍ୱୀକୃତି ଦେବାଲାଗି କେଉଁ ବ୍ୟବସ୍ଥା ରହିଛି ତାହା ଜଣାଇବା ଲାଗି କହିଛନ୍ତି ।

ସୂଚନାଯୋଗ୍ୟ ତାମିଲନାଡୁ ବିଧାନସଭାରେ ମଞ୍ଜୁରୀଲାଭ କରିଥିବା ବିଧେୟକକୁ ରାଜ୍ୟପାଳ ବହୁ ସମୟ ଧରି ସ୍ୱିକୃତୀ ନଦେଇ ରାଷ୍ଟ୍ରପତିଙ୍କ ବିଚାର ପାଇଁ ପଠାଇଥିଲେ । ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ମାମଲା ଦାୟର କରାଯାଇଥିଲା । ସୁପ୍ରିମକୋର୍ଟ

ବିଧେୟକକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସ୍ୱିକୃତୀ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

## ଜୟଶଙ୍କର-ପାକ୍

ବୈଦେଶିକ ଡକ୍ଟର ଏସ୍. ଜୟଶଙ୍କର ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ତୃତୀୟ ପକ୍ଷ ମଧ୍ୟସ୍ଥତାକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଇସଲାମାବାଦ ସହିତ ଯେକୌଣସି କଥାବାର୍ତ୍ତା ଦ୍ୱିପାକ୍ଷିକ ସ୍ତରରେ ହେବ ବୋଲି ସେ ପୁନର୍ବାର କହିଛନ୍ତି । ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ପାକିସ୍ତାନ ସହିତ ଆଲୋଚନା କରିବାକୁ ବାକି ଥିବା ଏକମାତ୍ର ବିଷୟ ହେଉଛି, ପାକ୍ ଅଧିକୃତ କାଶ୍ମୀରରେ ବେଆଇନ୍ ଭାବେ ଅଧିକୃତ କରାଯାଇଥିବା ଅଞ୍ଚଳକୁ ପାକିସ୍ତାନକୁ ଖାଲି କରିବାକୁ ପଡ଼ିବ । ବର୍ଷ ବର୍ଷ ଧରି ଜାତୀୟ ସହମତି ଏବଂ ଭାରତର ନିଷ୍ପତ୍ତିରେ କୌଣସି ପରିବର୍ତ୍ତନ ହୋଇନାହିଁ ବୋଲି ବୈଦେଶିକ ମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାକିସ୍ତାନ ସହିତ ଆଲୋଚନା' କେବଳ ଆତଙ୍କବାଦ ଉପରେ ହିଁ ସୀମିତ ରହିବ ବୋଲି ସ୍ପଷ୍ଟ କରିଛନ୍ତି । ପାକିସ୍ତାନ ପାଖରେ ଯେଉଁ ଆତଙ୍କବାଦୀମାନଙ୍କ ତାଲିକା ରହିଛି ତାହାକୁ ଭାରତକୁ

ହସ୍ତାନ୍ତର କରିବାକୁ ପଡ଼ିବ ଏବଂ ଆତଙ୍କବାଦୀ ଭିତ୍ତିଭୂମିକୁ ତାକୁ ନଷ୍ଟ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି ।

ଉଭୟ ଦେଶ ମଧ୍ୟରେ ଗୁଳି ବିନିମୟ ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ସମ୍ପର୍କରେ ଶ୍ରୀ ଜୟଶଙ୍କର କହିଛନ୍ତି, ନୂଆଦିଲ୍ଲୀ ଇସ୍‌ଲାମାବାଦକୁ ତାର ବାର୍ତ୍ତା ପଠାଇଛି ଯେ କେବଳ ଆତଙ୍କବାଦ ଭିତ୍ତିଭୂମିକୁ ଭାରତ ଲକ୍ଷ୍ୟ କରୁଛି ଏବଂ ପାକ୍ ସେନାକୁ ଏଥିରେ ହସ୍ତକ୍ଷେପ ନ କରିବାକୁ କହିଛି । ପାକିସ୍ତାନ ଏହି ପରାମର୍ଶକୁ ଅଣଦେଖା କରୁଛି ବୋଲି ସେ କହିଛନ୍ତି ।

ଗତ ୧୦ ତାରିଖ ଦିନ ସକାଳେ ପାକିସ୍ତାନ ଭାରତର ଆକ୍ରମଣ ପରିପ୍ରେକ୍ଷୀରେ ଅଧିକ କ୍ଷତିଗ୍ରସ୍ତ ହେବା ପରେ ଗୁଳି ବିନିମୟ ବନ୍ଦ କରିବାକୁ କିଏ ଇଚ୍ଛା ପ୍ରକାଶ କରୁଥିଲା ତାହା ସ୍ପଷ୍ଟ ହୋଇଛି ବୋଲି ବୈଦେଶିକ ମନ୍ତ୍ରୀ କହିଛନ୍ତି । ପାକିସ୍ତାନ ଦ୍ୱାରା ସୀମାପାର ଆତଙ୍କବାଦ ବିଶ୍ୱସନୀୟ ଏବଂ ଅପରିବର୍ତ୍ତନୀୟ ଭାବରେ ବନ୍ଦ ନ ହେବା ପର୍ଯ୍ୟନ୍ତ ସିନ୍ଧୁ ଜଳଚୁକ୍ତି ସ୍ଥଗିତ ରହିବ ବୋଲି ବୈଦେଶିକ ମନ୍ତ୍ରୀ କହିଛନ୍ତି । ଅପର ପକ୍ଷରେ ଭାରତ-ଆମେରିକା ବାଣିଜ୍ୟ ସମ୍ପର୍କ ବିଷୟରେ ଆଲୋଚନା ଚାଲିଛି ଏବଂ ଯେକୌଣସି ବାଣିଜ୍ୟ ଚୁକ୍ତି ପାରସ୍ପରିକ ମଧ୍ୟରେ ଲାଭଦାୟକ ହେବ ସେ ଦୃଷ୍ଟିରୁ ଉଭୟ ଦେଶ କାର୍ଯ୍ୟ କରିବେ ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି । ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ଆରମ୍ଭ ହେବା ପୂର୍ବରୁ ଏ ପ୍ରସଙ୍ଗରେ ଅଧିକ କିଛି କହିହେବ ନାହିଁ ବୋଲି ସେ କହିଛନ୍ତି ।

# ଶାହା-ଏମସ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀ ସ୍ଥିତ ଏମସ୍ ପରିଦର୍ଶନରେ ଯାଇ ନକ୍ସଲ ବିରୋଧୀ ଅଭିଯାନରେ ଆହତ ହୋଇଥିବା ନିରାପତ୍ତା କର୍ମୀମାନଙ୍କୁ ଭେଟି ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ଛତିଶଗଡ଼ ଏବଂ ତେଲଙ୍ଗାନା ସୀମାନ୍ତ ଅଞ୍ଚଳ କାରେଗୁଟା ପାର୍ବତ୍ୟାଞ୍ଚଳରେ  ଦୀର୍ଘ ୨୧ ଦିନ ଧରି ଚାଲିଥିବା ନକ୍ସଲ ବିରୋଧୀ ଅଭିଯାନରେ ସାମିଲ ହୋଇ ଆହତ ପୁଲିସ୍ କର୍ମୀମାନଙ୍କୁ ଶ୍ରୀ ଶାହା ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ ।

# ଜୟଶଙ୍କର ହଣ୍ଡୁରାସ୍

ଗତ ତିନି ଦଶନ୍ଧି ମଧ୍ୟରେ ଭାରତ ଏବଂ ହଣ୍ଡୁରାସ୍ ମଧ୍ୟରେ ଆର୍ଥିକ ସମ୍ପର୍କ ବୃଦ୍ଧି ପାଇଛି ବୋଲି ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୩୦୦ ନିୟୁତ ଡଲାର୍‌ରୁ ଅଧିକ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି । ନୂଆଦିଲ୍ଲୀରେ ହଣ୍ଡୁରାସ୍ ଦୂତାବାସର ଉଦ୍‌ଘାଟନୀ ଅବସରରେ ଯୋଗଦେଇ ଶ୍ରୀ ଜୟଶଙ୍କର ଜାମ୍ମୁ ଏବଂ କାଶ୍ମୀରର ପହଲଗାମରେ ସଂଗଠିତ ଆତଙ୍କବାଦୀମାନଙ୍କ  କାପୁରୁଷ ଆକ୍ରମଣ ପରେ ଭାରତ ସପକ୍ଷରେ ବିବୃତ୍ତି ଜାରି କରିଥିବା ନେଇ ସେ ହଣ୍ଡୁରାସ୍‌କୁ ପ୍ରଶଂସା କରିଛନ୍ତି ।

ନୂଆଦିଲ୍ଲୀରେ ହଣ୍ଡୁରାସ୍‌ର ଦୂତାବାସ ଖୋଲିବା ପରେ ବାଣିଜ୍ୟ ପ୍ରୋତ୍ସାହନକୁ ସୁଗମ କରିବାରେ ଏହା ସହାୟତା ପ୍ରଦାନ କରିବ ବୋଲି ସେ କହିଛନ୍ତି । ଦୁଇ ଦେଶ ମଧ୍ୟରେ ଆର୍ଥିକ ସମ୍ପର୍କ, ବାଣିଜ୍ୟ ନିବେଶ ଏବଂ ବୈଶୟିକ ସହଯୋଗ ସୁଦୃଢ଼ ହେବ ବୋଲି ସେ ଆଶାପ୍ରକଟ କରିଛନ୍ତି । ସେ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଔଷଧ, ବୟନଶିଳ୍ପ, ଅଟୋ ମୋବାଇଲ୍ ଏବଂ ଯନ୍ତ୍ରପାତି ଆଦିକୁ ନେଇ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ରହିଛି । ତେବେ ଭାରତ ହଣ୍ଡୁରାସ୍‌ଠାରୁ କଫି, କାଠ ଏବଂ ଚମଡ଼ା ଆଦି ଆମଦାନି କରିଥାଏ । ଭାରତ ଏବଂ ହଣ୍ଡୁରାସ୍ ବର୍ତ୍ତମାନ ବିପର୍ଯ୍ୟୟ ପ୍ରସମନ କରିବା ପାଇଁ ନୂତନ ପ୍ରଣାଳୀ ବାହାର କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ଡକ୍ଟର ଜୟଶଙ୍କର ତାଙ୍କ ହଣ୍ଡୁରାସ୍ ପ୍ରତିପକ୍ଷ ଏଡୁଆର୍ଡୋ ଏନେରିକ୍ ରେଁନା ଗାର୍ସିଆଙ୍କ ସହ ହଣ୍ଡୁରାସ୍ ଦୂତାବାସକୁ ମିଳିତ ଭାବେ ଉଦ୍‌ଘାଟନ କରିଛନ୍ତି ।

## ଗୁଜରାଟ-ତ୍ରିରଙ୍ଗା ଯାତ୍ରା

ଅପରେସନ୍ ସିନ୍ଦୂରର ସଫଳତା ପରେ ଆଜି ଦେଶର ବିଭିନ୍ନ ଜିଲ୍ଲାରେ ଭାରତୀୟ ସଶସ୍ତ୍ର ବାହିନୀର ସାହସ ଏବଂ ବୀରତ୍ୱ ପାଇଁ ସମ୍ମାନ ଜଣାଇବା ଲାଗି ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରାଯାଇଛି । ଗୁଜରାଟର ମୋତୀବାଗ୍ ଟାଉନ୍‌ହଲ୍‌ରୁ ସହିଦ୍ ସ୍ମାରକୀ

ପର୍ଯ୍ୟନ୍ତ ଏକ ବିଶାଳ ରାଲିକୁ ପତାକା ଦେଖାଇ କେନ୍ଦ୍ର ମନ୍ତ୍ରୀ ନିମୁବେନ୍ ବାମ୍ଭାନିଆ ଶୁଭାରମ୍ଭ କରିଛନ୍ତି । ସେହିପରି ଗାନ୍ଧି ନଗରରେ ରାଜ୍ୟ ମନ୍ତ୍ରୀ ହର୍ଷ ସାଙ୍ଗଭି ତ୍ରିରଙ୍ଗା ଯାତ୍ରାରେ ଯୋଗଦେଇ ସୈନ୍ୟମାନଙ୍କ ସାହସକୁ ପ୍ରଶଂସା କରିଥିଲେ । ରାଜ୍ୟର ଜାମନଗରରେ ୮ କିଲୋମିଟର ବ୍ୟାପି ଏକ ଲମ୍ବା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଦଳୀୟ ନେତା, ପୂର୍ବତନ ସୈନିକ ଏବଂ ସାଧାରଣ ନାଗରିକ ଅଂଶଗ୍ରହଣ କରିଥିଲେ । ବିଜେପି ସାଂସଦ ପୁନମ୍‌ବେନ୍ ମାଡମ୍ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସାଧାରଣ ନାଗରିକମାନଙ୍କ ଏକତା ଏବଂ ଦେଶପ୍ରେମକୁ ପ୍ରଶଂସା କରିଥିଲେ । ସୁରେନ୍ଦ୍ର ନଗରରେ ମଧ୍ଯ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା ।

## ଏମ୍‌ଏସ୍‌ଏମ୍‌ଇ-ନ୍ୟାସନାଲ୍ ଆୱାର୍ଡ୍

ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଜାତୀୟ ପୁରସ୍କାର ୨୦୨୪ ପାଇଁ ଉଦ୍ୟୋଗଗୁଡ଼ିକରୁ ଆବେଦନ ପତ୍ର ଆମନ୍ତ୍ରଣ କରିଛି । ଆଗ୍ରହୀ ଉଦ୍ୟୋଗ ଗୁଡ଼ିକ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବର୍ଗରେ ପୁରସ୍କୃତ ହେବା ପାଇଁ ଆବେଦନ କରିପାରିବେ । ଏ କ୍ଷେତ୍ରରେ ୩୫ଟି ଜାତୀୟ ପୁରସ୍କାର ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ସରକାର ଏମ୍.ଏସ୍.ଏମ୍.ଇ. ଉଦ୍ୟୋଗୀଙ୍କ ଉଲ୍ଲେଖନୀୟ ପ୍ରଦର୍ଶନକୁ ଦୃଷ୍ଟିରେ ରଖି

ଜାତୀୟ ପୁରସ୍କାର ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରିଆସୁଛନ୍ତି । ଉତ୍ତର ପୂର୍ବ କ୍ଷେତ୍ରର ମହିଳା ଉଦ୍ୟୋଗୀ ଏସ୍.ସି.-ଏସ୍.ଟି. ଉଦ୍ୟୋଗୀ ମାନଙ୍କର ନେତୃତ୍ୱରେ ଏମ୍.ଏସ୍.ଏମ୍.ଇ. ଗୁଡ଼ିକୁ ପୁରସ୍କାର ପ୍ରଦାନ କରିବାର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜାତୀୟ ପୁରସ୍କାର ପୋର୍ଟାଲ୍ ଏବଂ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ୍ ମାଧ୍ୟମରେ ଆବେଦନପତ୍ର ଆମନ୍ତ୍ରଣ କରାଯାଇଛି ।

## ଡେଭିଡ୍ ଭାନ୍ସ-ସିନ୍ଦୂର

ବ୍ରିଟିଶ୍ ରାଜନୈତିକ ସମାଲୋଚକ ତଥା ଲେଖକ ଡେଭିଡ୍ ଭାନ୍ସ ଅପରେସନ୍ ସିନ୍ଦୂରକୁ ଦୃଢ଼ ସମର୍ଥନ ଜଣାଇଛନ୍ତି । ଏହାକୁ ବହୁ ଦିନର ଦାବି ଏବଂ ଏକ ଆବଶ୍ୟକ ପଦକ୍ଷେପ ବୋଲି ମଧ୍ୟ ସେ ଅବିହିତ କରିଛନ୍ତି । ଏକ ସମ୍ବାଦ ସଂସ୍ଥା ସହ ସାକ୍ଷାତକାର ଦେଇ ପାକିସ୍ତାନକୁ ଏକ ବିଫଳ ଏବଂ ଆତଙ୍କବାଦ ରାଷ୍ଟ୍ର ଭାବେ ସେ ବିବେଚନା କରିଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ବିଦେଶୀ ଗଣମାଧ୍ୟମ ଠିକ୍ ଭାବେ ଏହାର ପ୍ରଚାର-ପ୍ରସାର କରିନଥିବା ନେଇ ସେ ନିନ୍ଦା କରିଛନ୍ତି । ଆତଙ୍କବାଦୀଙ୍କୁ ବନ୍ଧୁକଧାରୀ ଭାବେ ଉଲ୍ଲେଖ କରିଥିବା ନେଇ ସେ ଗଣମାଧ୍ୟମ ସଂସ୍ଥା ଗୁଡ଼ିକୁ ସମାଲୋଚନା କରିବା ଅବସରରେ ସେମାନେ ପାକିସ୍ତାନକୁ ସମର୍ଥନ କରୁଥିବା ନେଇ ସେ ଅଭିଯୋଗ କରିଛନ୍ତି ।

## ପଞ୍ଜାବ-ମଦମୃତ୍ୟୁ

ପଞ୍ଜାବର ଅମୃତସର ଠାରେ ଘଟିଥିବା ମଦମୃତ୍ୟୁ ମାମଲାରେ ମୃତ୍ୟୁ ସଂଖ୍ୟା ୨୭ରେ ପହଞ୍ଚିଛି । ଇତିମଧ୍ୟରେ ଦିଲ୍ଲୀରେ ଥିବା ଏହି ମଦ ପ୍ରସ୍ତୁତ କାରଖାନାର ମାଲିକ ବାପା ଏବଂ ପୁଅକୁ ଅମୃତସର ପୋଲିସ୍ ଗିରଫ୍ କରିଛି । ଡି.ଏସ୍.ପି. ମହେନ୍ଦ୍ର ସିଂହ କହିଛନ୍ତି, ଏହି ଦୁଇ ଜଣ ଅଭିଯୁକ୍ତଙ୍କୁ ପାଞ୍ଚ ଦିନିଆ ପୁଲିସ୍ ରିମାଣ୍ଡରେ ନେବା ପାଇଁ ସ୍ଥାନୀୟ ଅଦାଲତକୁ ଅପିଲ୍ କରାଯାଇଛି । ଏ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଥିବା ନେଇ ଶ୍ରୀ ସିଂହ କହିଛନ୍ତି । ପୂର୍ବରୁ ଏହି ମାମଲାରେ ୧୮ ଜଣଙ୍କୁ ପୁଲିସ୍ ଗିରଫ୍ କରିଛି ବୋଲି ସେ କହିଛନ୍ତି ।

## ଖେଲୋ ଇଣ୍ଡିଆ

ବିହାରରେ ଚାଲିଥିବା ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ପ୍ରତିଯୋଗିତା ଆଜି ଉଦ୍ଯାପିତ ହେଉଛି । ଏହି ଅବସରରେ ପାଟନା ସ୍ଥିତ କଙ୍କରବାଗ୍ର ପାଟଳୀପୁତ୍ର କ୍ରୀଡ଼ା କମ୍ପ୍ଲେକ୍ସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଗତ ୪ ତାରିଖରେ ଏହି ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ା ଆରମ୍ଭ ହୋଇଥିଲା । ଏଥିରେ ମହାରାଷ୍ଟ୍ର ସମସ୍ତ ବର୍ଗରେ ନିଜର ସର୍ବଶ୍ରେଷ୍ଠ କ୍ରୀଡ଼ା ପ୍ରଦର୍ଶନ କରି ୧୫୮ଟି ପଦକ ହାସଲ କରିଛି । ସେଥିମଧ୍ୟରୁ ୫୮ଟି ସ୍ୱର୍ଣ୍ଣ

ଏବଂ ୪୭ଟି ରୌପ୍ୟ ପଦକ ରହିଛି । ହରିଆଣା ୩୯ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ପଦକ ସହ ମୋଟ୍ ୧୧୭ଟି ପଦକ ହାସଲ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ସେହିପରି ରାଜସ୍ଥାନ ୨୪ଟି ସ୍ୱର୍ଣ୍ଣ ଏବଂ ୧୨ଟି ରୌପ୍ୟ ପଦକ ସହ ମୋଟ୍ ୬୦ଟି ପଦକ ଜିତି ତୃତୀୟ ସ୍ଥାନରେ ରହିଛି ।

ଆଜିର ଉଦ୍‌ଯାପନୀ ଦିବସରେ ବାସ୍କେଟ୍ ବଲ୍, ଫେନ୍‌ସିଂ ଏବଂ ଭାରୋତ୍ତଳନ ପ୍ରତିଯୋଗିତାର ଅନୁଷ୍ଠିତ ହୋଇଛି ।